# ଭାରତୀୟ ଜନତା ପାର୍ଟି, ଓଡିଶା

ଙ୍ଗ୍ରେସର ତୈଳ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ରାଜ୍ୟବ୍ୟାପୀ ବନ୍ଦ ଡାକରା ପ୍ରସଙ୍ଗ

## ବନ୍ଦ ଡାକରା କେବଳ କଂଗ୍ରେସର ନୁହେଁ

## ବିଜେଡି ଓ କଂଗ୍ରେସର ଯୌଥ ଉଦ୍ୟମ : ବିଜେପି

- **ଖାଉଟିଙ୍କ ସ୍ୱାର୍ଥ ପାଇଁ ନୁହେଁ ନିଜର ନିହିତ ସ୍ୱାର୍ଥ ପାଇଁ ବିଜେଡି-କଂଗ୍ରେସର ଅସାଧୁ ମେଂଟକୁ ରାଜ୍ୟବାସୀ ବିରୋଧ କରିବେ**
- **ରାଜ୍ୟର ହୁହୁ ହୋଇ ବଢୁଥିବା ତୈଳଟିକସରୁ ନିଜସ୍ୱ ରୋଜଗାର ଓ କଂଗ୍ରେସ ସମୟରେ ତୈଳବଣ୍ଡ ଋଣ ପ୍ରସଙ୍ଗ ଉଠାଇ ଉଭୟ ଦଳକୁ ସମାଲୋଚନା**

**ଭୁବନେଶ୍ୱର, ତା.୦୯/୦୯ :** ସୋମବାର ଦିନ କଂଗ୍ରେସର ତୈଳ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ରାଜ୍ୟବ୍ୟାପୀ ବନ୍ଦ ଡାକରା କେବଳ କଂଗ୍ରେସର ନୁହେଁ ବିଜେଡି ଓ କଂଗ୍ରେସର ଯୌଥ  ଉଦ୍ୟମ ବୋଲି କହିଛନ୍ତି ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ବିଧାନସଭାରେ କଂଗ୍ରେସର ବନ୍ଦକୁ ସମର୍ଥନ କରିବା ପାଇଁ କଂଗ୍ରେସର ବରିଷ୍ଠ ନେତା ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଅନୁରୋଧ କରିଥିଲେ । ନବୀନ ବାବୁଙ୍କ ସରକାର ଏଥିରେ କାଳବିଳମ୍ବ ନକରି ସରକାରୀ ପ୍ରାଯୋଜିତ ଅଘୋଷିତ ବନ୍ଦ ପାଇଁ ସ୍କୁଲ, କଲେଜ ବନ୍ଦ ଘୋଷଣା କରି ରାଜ୍ୟ ସରକାରଙ୍କ ସମର୍ଥନକୁ ବ୍ୟକ୍ତ କଲେ ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ବିଶ୍ୱ ବଜାରର ସ୍ଥିତି କାରଣରୁ ଦେଶରେ ତୈଳଦର ବୃଦ୍ଧିନେଇ ତାଙ୍କ ଦଳ ଚିନ୍ତିତ ଅଛି । ମାତ୍ର ସାଧାରଣ ଖାଉଟିଙ୍କ ସୁବିଧା ପାଇଁ ନୁହେଁ ବରଂ ନିଜର କ୍ଷୁଦ୍ର ରାଜନୈତିକ ସ୍ୱାର୍ଥ ପାଇଁ ରାଜ୍ୟରେ ବିଜେଡି ଓ କଂଗ୍ରେସ ଅଘୋଷିତ ମେଂଟ କରିଛନ୍ତି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ୨୦୧୪ରେ ତୈଳରୁ ରାଜ୍ୟ ସରକାରଙ୍କ ଭାଟ୍ ୩ ହଜାର କୋଟି ୨୦୧୮ ସୁଦ୍ଧା ୭ ହଜାର କୋଟିରେ ପହଁଚିଛି । ଏହା ଦେଶର କୌଣସି ବି ରାଜ୍ୟ ତୁଳନାରେ ସର୍ବାଧିକ ଓ ୨୦୧୪ ତୁଳନାରେ ୨୦୧୮ରେ ୧୩୯ ପ୍ରତିଶତ ରାଜ୍ୟର ତୈଳଟିକସରୁ ଆୟ ବୃଦ୍ଧି ଘଟିଛି । ଯଦି ଖାଉଟିଙ୍କ ସ୍ୱାର୍ଥ ପ୍ରତି ଚିନ୍ତା ଥାଆନ୍ତା ତାହାହେଲେ ବିଜେଡି ସରକାର ରାଜ୍ୟରେ ନିଜସ୍ୱ ତୈଳ ଟିକସ କମ୍ କରି ସାଧାରଣ ଜନତାଙ୍କୁ ସହଯୋଗ କରିବା ପାଇଁ ଆଗେଇ ଆସିଥାନ୍ତା ।

ଅପରପକ୍ଷରେ କଂଗ୍ରେସ ଶାସନ କାଳରେ ତୈଳବଣ୍ଡ ମାଧ୍ୟମରେ ହଜାର ହଜାର କୋଟିଟଙ୍କା ଋଣ କରି ଦେଶର ଭବିଷ୍ୟତ ପୀଢି ଉପରେ ୨୦୨୫ ମସିହା ପର୍ଯ୍ୟନ୍ତ ବଡ ଆର୍ଥିକ ବୋଝ ଲଦିଛି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ।

ଓଡିଶାର ସାଧାରଣ ଜନତା ଲୋକଙ୍କ ସ୍ୱାର୍ଥ ପାଇଁ ନୁହେଁ ନିଜର ନିହିତ ସ୍ୱାର୍ଥ ପାଇଁ ବିଜେଡି-କଂଗ୍ରେସର ମଧୁଚନ୍ଦ୍ରିକାକୁ ଦୃଢ ବିରୋଧ କରିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**